NEED 24 NEWS
DIGITAL E-PAPER
हर खबर, हर शहर
PRGI APPLICATION UNDER PROCESS
Application No. T/GJ/2026/0619/2304/1577
GST
GSTIN 24CINPG0564Q1ZT
UDYAM REGISTERED
UDYAM-GJ-14-0003714
www.need24.digital
info@need24.in
+91 98700 06472
FOLLOW US:
तेज़ | सटीक | निष्पक्ष | जनहित में
सच की आवाज़
जन-जन की आवाज़
निडर पत्रकारिता



# ଯାଜପୁର ଜିଲ୍ଲାର ବରୀ ବ୍ଲକରେ ବକେୟା ବିଦ୍ୟୁତ୍ ବିଲ୍ ଯୋଗୁଁ ବିଦ୍ୟୁତ୍ କାଟ, ସରକାରୀ କାର୍ଯ୍ୟରେ ବାଧା




**ଯାଜପୁର ଜିଲ୍ଲାର ବରୀ ବ୍ଲକରେ ବକେୟା ବିଦ୍ୟୁତ୍ ବିଲ୍ ଯୋଗୁଁ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଛି, ଯାହାଫଳରେ ସମସ୍ତ ସରକାରୀ କାର୍ଯ...**

**Suvandhu Ranjan Rout।** ଯାଜପୁର ଜିଲ୍ଲାର ବରୀ ବ୍ଲକରେ ବକେୟା ବିଦ୍ୟୁତ୍ ବିଲ୍ ଯୋଗୁଁ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଛି । ବିଲ୍ ପୈଠ ନକରିବା କାରଣରୁ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ବିଦ୍ୟୁତ୍ କାଟ ଯୋଗୁଁ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରିତା ବନ୍ଦ ହୋଇଯାଇଛି । ପ୍ରଶାସନିକ କାଗଜପତ୍ରର ପ୍ରକ୍ରିୟା, ଜନସେବା ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି । ସ୍ଥାନୀୟ ଅଧିକାରୀମାନେ ଜଣାଇଛନ୍ତି ଯେ ବିଲ୍ ପୈଠ ହେବା ପରେ ହିଁ ବିଦ୍ୟୁତ୍ ସରବରାହ ପୁନଃ ଆରମ୍ଭ କରାଯିବ ଏବଂ ପ୍ରଭାବିତ ସରକାରୀ କାର୍ଯ୍ୟଗୁଡ଼ିକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଅଣାଯିବ ।

# ଭାରତୀୟ ଜନତା ପାର୍ଟି ର ଆଶୀର୍ବାଦ ଦ୍ବୀପ ପ୍ରଜ୍ବଳନ କାର୍ଯ୍ୟକ୍ରମ



**ଭାରତୀୟ ଜନତା ପାର୍ଟି ର ଆଶୀର୍ବାଦ ଦ୍ବୀପ ପ୍ରଜ୍ବଳନ କାର୍ଯ୍ୟକ୍ରମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କ ୭...**

**PRADIP KUMAR PANDA।** ଭାରତୀୟ ଜନତା ପାର୍ଟି ର ଆଶୀର୍ବାଦ ଦ୍ବୀପ ପ୍ରଜ୍ବଳନ କାର୍ଯ୍ୟକ୍ରମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କ ୭୬ତମ ଜନ୍ମଦିନ ଅବସରରେ ଗୁଡାରି ଜଗନ୍ନାଥ ମନ୍ଦିର ପରିସରରେ , ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ଥ ଓ ନିରାମୟ ଜୀବନ କାମନା କରି ଦୀପ ପ୍ରଜ୍ୱଳନ କରା ଯାଇଥିଲା ଜନସେବାରୁ ଦେଶସେବା ପର୍ଯ୍ୟନ୍ତ ତାଙ୍କର ଦୀର୍ଘ ସାର୍ବଜନୀନ ଜୀବନ ଓ ରାଷ୍ଟ୍ରସେବା ପ୍ରତି ସମର୍ପଣ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ। ୨୦୨୬ରେ ତାଙ୍କର ନିରନ୍ତର ସେବାଯାତ୍ରା ୨୫ ବର୍ଷର ଐତିହାସିକ ସୀମାକୁ ନିକଟବର୍ତ୍ତୀ ହୋଇଛି ବୋଲି କେନ୍ଦ୍ର ସରକାରଙ୍କ ଏକ ବିବରଣୀ ଉଲ୍ଲେଖ ହୋଇଛି। ନିରନ୍ତର ଭାବେ ଦେଶସେବାରେ ବ୍ରତୀ ରହି, ଭାରତର ଉନ୍ନତି ଓ ଜନକଲ୍ୟାଣ ପାଇଁ ନିଜ କର୍ତ୍ତବ୍ୟ ତୁଲାଇ ଚାଲନ୍ତୁ—ଏହା ହିଁ ସଭିଙ୍କ ଅନ୍ତରିକ ପ୍ରାର୍ଥନା। ଜଗଦୀଶ ନାୟକ ଗୁଡାରି ନଗର ମଣ୍ଡଲ ସଭାପତି ପ୍...

## ବିଶ୍ୱକର୍ମା ପୂଜାରେ ମା' ପଥରଖଣୀଙ୍କର ବିଶେଷ ପୂଜା



**Suvandhu Ranjan Rout।** ସ୍ଥାନୀୟ ସମ୍ପ୍ରଦାୟ ପକ୍ଷରୁ ବିଶ୍ୱକର୍ମା ପୂଜାର ଅନୁଷ୍ଠାନର ଏକ ଅଂଶ ଭାବେ ମା' ପଥରଖଣୀଙ୍କ ପୂଜାର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି ଏବଂ ଅଂଶଗ୍ରହଣକାରୀମାନେ ଭକ୍ତିପୂର୍ଣ୍ଣ ଭାବେ ଏଥିରେ ସାମିଲ ହୋଇଛନ୍ତି। ମା' ପଥରଖଣୀଙ୍କ ପୂଜାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଲୋକମାନଙ୍କ ଜୀବନରେ ସୁରକ୍ଷା ଓ ସମୃଦ୍ଧି କାମନା କରିବା। ଏହି ପୂଜାରେ ବିଶେଷ ମନ୍ତ୍ରୋଚ୍ଚାରଣ ଓ ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା, ଯାହା ଉପସ୍ଥିତ ସମସ୍ତଙ୍କୁ ଆଧ୍ୟାତ୍ମିକ ଶାନ୍ତିର ଅନୁଭୂତି ପ୍ରଦାନ କରିଥିଲା। ପୂଜା ଶେଷ ହେବା ପରେ ଉପସ୍ଥିତ ଲୋକମାନେ ପାରସ୍ପରିକ ସଦଭାବ ଓ ସାମାଜିକ ଏକତାକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା କରିଥିଲେ, ଯାହା ଏହି ଧାର୍ମିକ ଆୟୋଜନର ସାମାଜିକ ମହତ୍ତ୍ୱକୁ ଆହୁରି ସ୍ପଷ୍ଟ କରିଥିଲା।

## ପ୍ରକଳ୍ପର ଡିଜାଇନ ପ୍ରସ୍ତୁତି ଠାରୁ ଡିପିଆର...ଗଠନ ହେବ 'ଷ୍ଟେଟ ସ୍ପେଶାଲ ସେଲ', ସିଙ୍ଗଲ ଓ୍ୱିଣ୍ଡୋ ସେଲ୍ ଭାବେ କରିବ କାମ



**Deepak Mahapatra, Bhubaneswar।** ଭୁବନେଶ୍ୱର: ରାଜ୍ୟରେ ବୃହତ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ବିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ପୁଞ୍ଜି ଖର୍ଚ୍ଚ ପାଇଁ ଚଳିତ ବର୍ଷ ସରକାର ୬୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଏହି ବ୍ୟୟ ବରାଦକୁ ସଠିକ ଭାବେ ଖର୍ଚ୍ଚ କରିବାକୁ ହେଲେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ନକ୍ସା ପ୍ରସ୍ତୁତି ବିଳମ୍ବ ହେଲେ ପ୍ରକଳ୍ପ କାମ ବି ବିଳମ୍ବିତ ହେଉଛି । ଏହାଦ୍ବାରା ସମୟ ସୀମା ବୃଦ୍ଧି ହେବା ସହ ବ୍ୟୟ ବରାଦ ମଧ୍ୟ ବଢୁଛି । ଏହି ସମସ୍ୟାର ସମାଧାନ କରିବାକୁ ସ୍ୱତନ୍ତ୍ର ସେଲ୍ ଗଠନ ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି ।ପ୍ରସ୍ତାବିତ ଏହି ସେଲ୍ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବାକୁ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ କାମ କରିବ । ଏହି ସେଲ ବିଭିନ୍ନ ବିଭାଗ ଦ୍ବାରା ପରିଚାଳିତ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ କରିବାକୁ ଡିଜାଇନ ପ୍ରସ୍ତୁତି ଠାରୁ...

## ସରପଞ୍ଚଙ୍କ ସ୍ୱାମୀଙ୍କ ଦାଦାଗିରି, ଲୋକେ ଅତିଷ୍ଠ

**Deepak Mahapatra।** ପଞ୍ଚାୟତରେ ଚାଲିଛି ସରପଞ୍ଚଙ୍କ ସ୍ୱାମୀଙ୍କ ହୁକୁମାତି। ଲ୍ୟାମ୍ପସ ଘର ଭାଙ୍ଗି ସାମଗ୍ରୀ ବିକ୍ରି କରିବାଠୁ ଆରମ୍ଭ କରି ପୋଖରୀ ଓ ବନ୍ଧ କବଜା କରିବା ଯାଏ- ସବୁଥିରେ ସେ ତାଙ୍କ ମନମାନି ଚଳାଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ବେଥିଆପଡ଼ା ସରପଞ୍ଚଙ୍କ ସ୍ୱାମୀଙ୍କ ନାଁରେ ଆସିଛି ଏମିତି ଅଭିଯୋଗ। ସରପଞ୍ଚଙ୍କ ନାଁରେ ବିଡିଓଙ୍କ ମାଧ୍ୟମରେ ଗୁଣୁପୁର ଉପଜିଲ୍ଲାପାଳଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛନ୍ତି ଗ୍ରାମବାସୀ।ଲୋକେ ଅଭିଯୋଗ କରିଛନ୍ତି ଯେ ପଞ୍ଚାୟତ ଅଧୀନରେ ଥିବା ପୋଖରୀ ଓ ବନ୍ଧକୁ ନିଜ ଅକ୍ତିଆରକୁ ନେଇଛନ୍ତି ସରପଞ୍ଚଙ୍କ ସ୍ୱାମୀ। ଏନେଇ ପଚାରିଲେ ଧମକଚମକ ଦେଉଛନ୍ତି। ମଶାଣି ରାସ୍ତା ଉନ୍ନୟନ ଅନୁଦାନକୁ ସେ ମନଇଚ୍ଛା କୋଲୋନୀ ସାହି ରାସ୍ତାରେ ଖର୍ଚ୍ଚ କରୁଛନ୍ତି। ଏପରିକି ଗରିବ ଲୋକଙ୍କୁ ହରିଶ୍ଚନ୍ଦ୍ର ଯୋଜନାର ଆର୍ଥିକ ସହାୟତା ମଧ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ପ୍ରତିବା...

## ଲିଙ୍ଗରାଜ ମନ୍ଦିରରେ ପୁଣି ନୀତିକାନ୍ତି ବନ୍ଦ; ସେବାୟତ ବିବାଦରେ ଅଟକିଲା ସେବା

**Deepak Mahapatra, Bhubaneswar।** ଭୁବନେଶ୍ୱର: ରାଜଧାନୀର ପ୍ରସିଦ୍ଧ ଶ୍ରୀଲିଙ୍ଗରାଜ ମନ୍ଦିରରେ ପୁଣି ଥରେ ନୀତିକାନ୍ତି ବନ୍ଦ ହୋଇଯାଇଛି। ଗତକାଲି ରାତି ପ୍ରାୟ ୧୧ଟାରୁ ପୂଜାପଣ୍ଡା ସେବାୟତଙ୍କ ନୀତି ବନ୍ଦ ରହିଥିବା ସୂଚନା ମିଳିଛି। ପତ୍ରି ଓ ପୂଜାପଣ୍ଡା ସେବାୟତଙ୍କ ମଧ୍ୟରେ ସେବାକୁ କେନ୍ଦ୍ର କରି ଉପୁଜିଥିବା ବିବାଦ ଯୋଗୁଁ ଠାକୁରଙ୍କ ନିୟମିତ ସେବା ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହୋଇପାରିନାହିଁ। ସୂଚନା ଅନୁଯାୟୀ, ବଡ଼ସିଂହାର ବେଶ ପରଠାରୁ ପୂଜାପଣ୍ଡା ସେବାୟତମାନେ ନୀତିକାନ୍ତି ବନ୍ଦ ରଖିଛନ୍ତି। ଫଳରେ ରାତ୍ରି ଓ ସକାଳର ଅନେକ ଗୁରୁତ୍ୱପୂର୍ଣ୍ଣ ନୀତି ପ୍ରଭାବିତ ହୋଇଛି। ଦୀର୍ଘ ସମୟ ଧରି ସେବା ବାଧାପ୍ରାପ୍ତ ହେବାରୁ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ବିବାଦର ସମାଧାନ ପାଇଁ ଆଜି ସକାଳ ୧୦ଟାରେ ମନ୍ଦିର ପ୍ରଶାସନ ଓ ଉଭୟ ସେବାୟତ ଗୋଷ୍ଠୀଙ୍କ ମଧ୍ୟରେ ଏକ ଜରୁରୀ ବୈଠକ ବସିଛି।...




## ତିନି ଲକ୍ଷ ଟଙ୍କାର ବଟି ମାଗି ତିନି ଗିରଫ




**Deepak Mahapatra, Bhubaneswar।** ଅଭିଯୋଗକାରିଣୀ 24 ଲକ୍ଷ ଟଙ୍କା ଦେଇ ଏକ ମହିନ୍ଦ୍ରା ଥାର୍ ଗାଡ଼ି 'ବୈଷ୍ଣୋ ମୋଟର୍ସ' ରୁ କିଣିଥିଲେ। ଗତ ୦୮.୦୯.୨୦୨୬ ତାରିଖରେ ତାଙ୍କର ଜଣେ ପରିଚିତ ବ୍ୟକ୍ତି ଉକ୍ତ ଗାଡ଼ି ନେଇ ଏସ୍ପ୍ଲାନେଡ୍ ମଲ୍ ଯାଇଥିଲେ। ସେଠାରେ ଦୁଇ ଜଣ ବ୍ୟକ୍ତି ନିଜକୁ ମହିନ୍ଦ୍ରା ଫାଇନାନ୍ସ ଓ ଏକ ରେପୋ ଏଜେନ୍ସି ର କର୍ମଚାରୀ ବୋଲି ପରିଚୟ ଦେଇ ଆର୍ଥିକ ଅନିୟମିତତା ଦର୍ଶାଇ ବଳପୂର୍ବକ ଗାଡ଼ିଟିକୁ ଉଠାଇ ନେଇ ପାହାଳ ସ୍ଥିତ ଷ୍ଟକ୍ ୟାର୍ଡକୁ ନେଇଯାଇଥିଲେ। ଏହାପରେ ଅଭିଯୁକ୍ତ ଶମ୍ଭୁନାଥ ଦାସ ମୋବାଇଲ୍ ରେ ଫୋନ୍ କରି ଗାଡ଼ି ଛାଡ଼ିବା ପାଇଁ ଅଭିଯୋଗକାରିଣୀଙ୍କୁ ୩ ଲକ୍ଷ ଟଙ୍କା ଦାବି କରିଥିଲା ଏବଂ ଅନ୍ୟ ଜଣଙ୍କ ଠାରୁ କ୍ୟୁଆର୍ କୋଡ୍ ମାଧ୍ୟମରେ ୧୨,୦୦୦/- ଟଙ୍କା ଲାଞ୍ଚ ନେଇଥିଲା। ସହିଦ ନଗର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା ଯେ ମହିନ୍ଦ୍ରା ଫାଇନାନ୍ସ ର ଡିଭିଜନାଲ୍ ମ୍ୟାନେଜର ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ...

## ବସ୍ କର୍ମଚାରୀ ଭାବିଥିଲେ କେହି ଜାଣିପାରିବେନି; ପୁଲିସ୍ ପାଇଲା ସୂଚନା, ଚଢ଼ାଉ କରି ବାନ୍ଧିଲା




**Deepak Mahapatra, Bhubaneswar।** ଯାତ୍ରୀବାହୀ ବସ୍‌ରୁ ଜବତ ହେଲା ଗଞ୍ଜେଇ। ବସ୍ ଚାଳକ, କଣ୍ଡକ୍ଟର ଓ ହେଲ୍‌ପରଙ୍କୁ ବାନ୍ଧିଲା ପୁଲିସ। ଘଟଣା ଘଟିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ଅଞ୍ଚଳରେ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ସୁଦର୍ଶନ ନାୟକ, ହମିଦ୍ ଖାନ୍ ଓ ବିନୋଦ ମଲ୍ଲିକ। ସୁଦର୍ଶନ ଓ ହମିଦ୍‌ଙ୍କ ଘର ଗଞ୍ଜାମ ଜିଲ୍ଲାରେ। ବିନୋଦଙ୍କ ଘର ବାଲିଗୁଡ଼ାରେ। ଏହି ଘରୋଇ ଯାତ୍ରୀବାହୀ ବସ୍‌ଟି ବାଲିଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କ. ନୂଆଗାଁ ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଯେ ସେଥିରେ ଗଞ୍ଜେଇ ଚାଲାଣ ହେଉଛି। ଏହା ପରେ କ. ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ନିକଟରେ ପୁଲିସ୍‌ର ଏକ ଟିମ୍ ବସ୍‌କୁ ଅଟକାଇ ଯାଞ୍ଚ କରିବା ପରେ ୩ଟି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା। ବସ୍‌ରୁ ମୋଟ ୬୩ କିଲୋଗ୍ରାମର ଗଞ୍ଜେଇ ଜବତ କରିଛି ପୁଲିସ। ଏହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି।...




## ନିଯୁକ୍ତି ମାମଲା: ପୁଣି ଘୁଞ୍ଚିଲା ଶୁଣାଣି, ଏଜି କହିଲେ- ଏହି ମାମଲା ପଛରେ ଅଛି କିଛି ଅଫିସରଙ୍କ ଅଭିସନ୍ଧି



**ସୁପ୍ରିମକୋର୍ଟରେ ଚାଲିଥିବା ଓଡ଼ିଶା ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତି ମାମଲାର ଶୁଣାଣି ପୁଣି ଘୁଞ୍ଚିଛି। ଏହାର ପରବର୍ତ୍ତୀ...**

**Deepak Mahapatra, Bhubaneswar।** ସୁପ୍ରିମକୋର୍ଟରେ ଚାଲିଥିବା ଓଡ଼ିଶା ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତି ମାମଲାର ଶୁଣାଣି ପୁଣି ଘୁଞ୍ଚିଛି। ଏହାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ ତାରିଖରେ ହେବ ବୋଲି କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ।ଡିଜିପି ନିଯୁକ୍ତି ଶୁଣାଣି ଘୁଞ୍ଚିବା ସମ୍ପର୍କରେ AG ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଆଜି ସୁପ୍ରିମକୋର୍ଟରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣି ୨୨ ତାରିଖକୁ ଘୁଞ୍ଚିଛି। ମୁଁ ଓ ସଲିସିଟର ଜେନେରାଲ ତ୍ୱରିତ ଶୁଣାଣି ପାଇଁ ନିବେଦନ କରିଛୁ। UPSCକୁ ନାଁ ସୁପାରିସ କରିବାରେ ସରକାର କୌଣସି ତ୍ରୁଟି କରି ନାହାନ୍ତି। ପ୍ରକାଶ ସିଂ ରାୟ ଆଧାରରେ ନାମ ସୁପାରିସ୍ କରାଯାଇଛି। କୌଣସି ଠାରେ ସୁପ୍ରିମକୋର୍ଟ କହି ନାହାନ୍ତି କେତେ ଜଣଙ୍କ ନାଁ ସୁପାରିସ ହେବ। ୩ ଜଣଙ୍କ ନାଁ ସୁପାରିସ୍ ନେଇ କିଛି ଲୋକଙ୍କ ମଧ୍ୟରେ ଭ୍ରାନ୍ତ ଧାରଣା ରହିଛି। ଯଦି ଆମେ ୩ଟି ନାଁ ପଠାଇବୁ,...

## ମାର୍କଫେଡରୁ ସନ୍ତୋଷ ନାୟକ ଆଉଟ୍ , ଆଇଏଏସ୍ ମନୀଷ ଅଗ୍ରୱାଲଙ୍କୁ ଅତିରିକ୍ତ ଦାୟିତ୍ୱ



**Deepak Mahapatra, Bhubaneswar।** ମାର୍କଫେଡର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ଅଫିସର ସନ୍ତୋଷ କୁମାର ନାୟକଙ୍କୁ ହଟାଇ ଦେଇଛନ୍ତି। ତାଙ୍କ ସ୍ଥାନରେ ୨୦୧୨ ବ୍ୟାଚ୍ ଆଇଏଏସ୍ ମନୀଷ ଅଗ୍ରୱାଲଙ୍କୁ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।ରାଜ୍ୟ ସରକାର ଆଜି ସମବାୟ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ କରିଛନ୍ତି। ଓଡ଼ିଶା ରାଜ୍ୟ କୃଷି ମାର୍କେଟିଂ ଫେଡେରେସନ(ମାର୍କଫେଡ)ର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ଅଫିସର ସନ୍ତୋଷ କୁମାର ନାୟକଙ୍କୁ ଅବ୍ୟାହତି ଦେଇଛନ୍ତି। ତାଙ୍କ ସ୍ଥାନରେ ୨୦୧୨ ବ୍ୟାଚ୍ ଆଇଏଏସ୍ ମନୀଷ ଅଗ୍ରୱାଲଙ୍କୁ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ମନୀଷ ଏବେ ଓଡ଼ିଶା କୋଅପରେଟିଭ ସୋସାଇଟି ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଛନ୍ତି।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ...

## ପ୍ରଶ୍ନପତ୍ର ଲିକ୍ ବିବାଦରେ ଉତ୍କଳ ବିଶ୍ୱବିଦ୍ୟାଳୟ: ହ୍ୱାଟସଆପରେ ଘୁରି ବୁଲୁଛି +୩ ସେମିଷ୍ଟାର ପ୍ରଶ୍ନ, ସ୍ୱୀକାର କଲେ କର୍ତ୍ତୃପକ୍ଷ, ଥାନାରେ ଏତଲା



**Deepak Mahapatra, Bhubaneswar।** କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯିବା ସହିତ ଘଟଣାର ଅପରାଧିକ ଦିଗ ଉନ୍ମୋଚନ ପାଇଁ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି।ପ୍ରଶ୍ନପତ୍ର ଲିକ୍ ବିବାଦରେ ଛନ୍ଦି ହୋଇପଡ଼ିଛି ରାଜ୍ୟର ପ୍ରତିଷ୍ଠିତ ଉଚ୍ଚଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ହ୍ୱାଟସଆପରେ ପ୍ରଶ୍ନପତ୍ର ଘୁରିବୁଲିବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜର ଦୋଷ ଏଡ଼ାଇ ନପାରି ଶେଷରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା କଥାକୁ ସ୍ୱୀକାର କରିଛନ୍ତି । ଆଉ ଶହୀଦନଗର ଥାନାରେ ଏନେଇ ବିଧିବଦ୍ଧ ଏତଲା ମଧ୍ୟ ଦେଇଛନ୍ତି।ସୂଚନା ଅନୁସାରେ, ଯୁକ୍ତ ତିନି ଶ୍ରେଣୀର ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ହ୍ୱାଟସଆପରେ ଭାଇରାଲ ହୋଇଛି। ସେପ୍ଟେମ୍ବର ୧୨ତାରିଖରୁ ଆରମ୍ଭ ହୋଇଥିବା ଏହ...

## ଲୋକସେବା ଭବନରେ ବ୍ୟାନ୍ ହେଲା ତମାଖୁ: ନିୟମ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି




**Deepak Mahapatra, Bhubaneswar।** ଲୋକସେବା ଭବନ ପରିସର ମଧ୍ୟରେ ସମସ୍ତ ପ୍ରକାର ଧୂମପାନ, ଗୁଟଖା ବା ତମାଖୁ ସେବନ ଓ ଛେପ ପକାଇବାକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ ଲାଗୁ ହେବା।ରାଜ୍ୟ ପ୍ରଶାସନର ପ୍ରାଣକେନ୍ଦ୍ର ଭାବେ ପରିଚିତ ଲୋକସେବା ଭବନ ଏଣିକି ସମ୍ପୂର୍ଣ୍ଣ 'ତମାଖୁମୁକ୍ତ ପରିସର' ହେବ। ଜନସ୍ୱାସ୍ଥ୍ୟ ସୁରକ୍ଷା, ପରିବେଶ ସ୍ୱଚ୍ଛତା ଓ କର୍ମଚାରୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।ସୂଚନା ଅନୁସାରେ, ଲୋକସେବା ଭବନ ପରିସର ମଧ୍ୟରେ ସମସ୍ତ ପ୍ରକାର ଧୂମପାନ, ଗୁଟଖା ବା ତମାଖୁ ସେବନ ଓ ଛେପ ପକାଇବାକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଇଛି। ନିୟମ ଉଲ୍ଲଂ...

## CM ଙ୍କ ଘୋଷଣା ପରେ ଆକ୍ସନମୋଡରେ ଅର୍ଥ ବିଭାଗ: ଜାରି କଲା ଗାଇଡଲାଇନ୍ , ଦରମାରୁ ସିଧାସଳଖ କଟିବ ଭରଣପୋଷଣ ରାଶି

**Deepak Mahapatra, Bhubaneswar।** କୋର୍ଟଙ୍କ ଆଦେଶ ପହଂଚିବା ମାତ୍ରେ ଉଠାଣ ଓ ବିତରଣ ଅଧିକାରୀ (DDO) ସମ୍ପୃକ୍ତ କର୍ମଚାରୀଙ୍କ ମାସିକ ବେତନ ପ୍ରସ୍ତୁତିବେଳେ ଏଚଆରଏମଏସ ପ୍ରଣାଳୀରେ ଭରଣପୋଷଣ ରାଶିକୁ 'ପ୍ରାଇଭେଟ୍ ଡିଡକ୍ସନ' ବା ବ୍ୟକ୍ତିଗତ କଟନୀ ଶୀର୍ଷକରେ ଚିହ୍ନିତ କରି ଦରମାରୁ କାଟି ରଖିବେ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କଡ଼ା ଆଭିମୁଖ୍ୟ ପରେ ଏବେ ସମ୍ପୂର୍ଣ୍ଣ ଆକ୍ସନ ମୋଡକୁ ଆସିଛି ରାଜ୍ୟ ଅର୍ଥ ବିଭାଗ। କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ପତ୍ନୀ ଓ ସନ୍ତାନସନ୍ତତିଙ୍କୁ ଭରଣପୋଷଣ ଭତ୍ତା ପ୍ରଦାନ କରୁନଥିବା ସରକାରୀ କର୍ମଚାରୀଙ୍କ ଦରମାରୁ ସିଧାସଳଖ ଭରଣପୋଷଣ ରାଶି କାଟିବାକୁ ଆଜି ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଛି ବିଧିବଦ୍ଧ ଗାଇଡଲାଇନ୍। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏଭଳି ଅନେକ ସମ୍ବେଦନଶୀଳ ଅଭିଯୋଗ ଆସିବା ପରେ ଗତ ଅଗଷ୍ଟ ୩୦ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏଭଳି କଡ଼ା ଆଭିମୁଖ୍ୟ ପୋଷଣ କରି...

## ବିଶ୍ୱାସରେ ବିଷ: ପୁରୀରେ ଏମିତି ପରିବେଶରେ ତିଆରି ହେଉଛି ଖଜା; ଚଢ଼ାଉ ପରେ ସାମ୍ନାକୁ ଆସିଲା ଦୃଶ୍ୟ

**Deepak Mahapatra।** ପୁରୀ ଶ୍ରୀମନ୍ଦିର ନିକଟରେ ଥିବା ବିଭିନ୍ନ ଖଜା ଦୋକାନ ଓ ଖଜା ତିଆରି କାରଖାନା ଉପରେ ଆଜି ଚଢ଼ାଉ ହୋଇଛି। ଆଜି ସକାଳୁ ଖାଦ୍ୟ ଓ ଯୋଗାଣ ବିଭାଗ, ପୁଲିସ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ମିଳିତ ଚଢ଼ାଉ ଜାରି ରହିଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଘରକୁ ଖଜା କିଣି ନେଉଥିବା ବେଳେ ସେଗୁଡ଼ିକ ଅସ୍ୱାସ୍ଥ୍ୟକର ଭାବେ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଥିଲା। ଭକ୍ତ ଓ ଜନ ସାଧାରଣଙ୍କ ଭାବନାକୁ ଏବଂ ସେମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଏହି ଚଢ଼ାଉ କରାଯାଇଛି। ଖଜା ତିଆରି ସ୍ଥାନର ପରିଷ୍କାର ପରିଚ୍ଛନ୍ନତା ସହିତ ଖଜାର ମାନ ଯାଞ୍ଚ କରାଯାଉଛି। ଅନେକ ସ୍ଥାନରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଖଜା ତିଆରି ହେଉଥିବା ଦେଖିବାକୁ ମିଳିଛି। ତେଲର ମାନ ମଧ୍ୟ ଖରାପ ଥିବା ଜଣାପଡ଼ିଛି। ଅସ୍ୱାସ୍ଥ୍ୟକର ଭାବେ ପ୍ରସ୍ତୁତ ଖଜା ଗୁଡ଼ିକୁ ନଷ୍ଟ କରାଯାଉଥିବା ବେଳେ ଫାଇନ ମଧ୍ୟ ଆଦାୟ କରାଯାଉଛି। ଚଢ଼ା...






## ମଧ୍ୟପ୍ରଦେଶରେ ଭାସିଗଲା କାର, ୭ ଓଡ଼ିଆ ମୃତ, ସମସ୍ତେ ଭୁବନେଶ୍ୱରର



**Deepak Mahapatra, Bhubaneswar।** ମଧ୍ୟପ୍ରଦେଶରେ ଭାସିଗଲା କାର୍ । ଭାସିଯାଇ ୭ ଓଡ଼ିଆ ପର୍ଯ୍ୟଟକ ମୃତ । ୩ ପିଲା, ୨ ମହିଳା, ୩ ପୁରୁଷ ମୃତ୍ୟୁବରଣ କରିଥିବାର ସୂଚନା ମିଳିଛି । ଅଗର ମାଲୱା ଜିଲ୍ଲାର ନଲଖେଡ଼ାର ଏକ ଝରଣାରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି । ମଧ୍ୟପ୍ରଦେଶର ନାଲଖେଡା ସ୍ଥିତ ମା' ବଗଳାମୁଖୀ ମନ୍ଦିର ନିକଟରେ, ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ କାର୍ ନାଳର ପ୍ରଖର ସ୍ରୋତରେ ଭାସିଯାଇଥିଲା । ଫଳରେ ପ୍ରାୟ ଆଠ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନଙ୍କ ମଧ୍ୟରୁ ୭ ଜଣ ଓଡ଼ିଆ ଥିବାବେଳେ କାର ଡ୍ରାଇଭରକୁ ମିଶାଇ ୮ ଜଣ ବୋଲି ଜଣାପଡ଼ିଛି । ମୃତକଙ୍କ ମଧ୍ୟରେ ତିନି ଜଣ ଶିଶୁ, ଦୁଇ ଜଣ ମହିଳା ଏବଂ ତିନି ଜଣ ପୁରୁଷ ଅଛନ୍ତି। ମୃତ ୭ ଜଣ ଓଡ଼ିଆ ଭୁବନେଶ୍ୱରସ୍ଥିତ ଜୟଦେବ ବିହାର ଅଞ୍ଚଳର ବୋଲି ସୂଚନା ମିଳିଛି । ଜୟଦେବ ବିହାର ଅଞ୍ଚଳରେ ଥିବା ବନା ଢ଼ାବାର ମାଲିକଙ୍କର ପରିବାର ଏହି ଘଟଣାରେ ମୃତ୍ୟୁବରଣ କରିଛନ୍ତି ।ସୂଚନା ଅନୁଯ...

## ମହାନଦୀରେ ଭାସିଗଲେ ୩ ସାଙ୍ଗ: ୨ ଉଦ୍ଧାର, ଜଣେ ନିଖୋଜ



**Deepak Mahapatra, Cuttack।** ମହାନଦୀରେ ଗାଧୋଇବା ବେଳେ ଭାସିଗଲେ ନାବାଳକ। ସେ ନିଖୋଜ ଅଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଜାରି ରହିଛି। ଏହି ନାବାଳକଙ୍କ ଘର ଜଗତପୁର ବାଲିସାହି ଅଞ୍ଚଳରେ ବୋଲି ଜଣାପଡ଼ିଛି।ଏହି ନାବାଳକ ଓ ତାଙ୍କ ୨ ଜଣ ସାଙ୍ଗ ଆଜି ମହାନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ବେଳେ ୩ ଜଣଙ୍କ ନଦୀରେ ଭାସି ଯାଇଥିଲେ। ତେବେ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ନିଖୋଜ ନାବାଳକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରଖିଛି ଅଗ୍ନିଶମ ବାହିନୀ। ସୂଚନାଯୋଗ୍ୟ, ଗତକାଲି ଗଣେଶ ମୂର୍ତ୍ତି ଭସାଣ ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ନଦୀ ଓ ପୋଖରୀରେ ବୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ମୋଟ ଉପରେ ଗତକାଲି ନଦୀ ଓ ପୋଖରୀରେ ବୁଡ଼ି ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୫ ଜଣଙ୍କ ମଧ୍ୟରୁ କିଏ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ ତ କିଏ କର୍ମା ପୂଜା ପାଇଁ ବାଲି ଆଣିବାକୁ ଯାଇ ବୁଡ଼ି ଯାଇଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ସାବତ ଭାଇକୁ ହାଣିଲେ ଦୁଇ ଭାଇ

**Deepak Mahapatra।** ପୂର୍ବ ଶତ୍ରୁତାକୁ ନେଇ ସାବତ ଭାଇକୁ କଟୁରୀରେ ହାଣିଲେ ଅନ୍ୟ ଦୁଇ ଭାଇ । ସାବତ ଭାଇ ଇମ୍ରାନ ଖାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜଗତସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ଇମ୍ରାନଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ତରିକୁନ୍ଦରେ ।ଖବର ପାଇ ଘଟଣା ସ୍ଥଳରେ ଜଗତସିଂହପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ସାବତ ଭାଇକୁ ହାଣି ଦୁଇ ଭାଇ ଆଦିଲ ଖାନ ଓ ଆଦିମ ଖାନ ଫେରାର ହୋଇଯାଇଛନ୍ତି । ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗତ ୨ଦିନ ତଳେ ସେମାନେ ଘରେ ନିଆଁ ଲଗାଇ ମାରିବାକୁ ଉଦ୍ୟମ କରିଥିଲେ । ଘଟଣାକୁ ନେଇ ଇମ୍ରାନଙ୍କ ପତ୍ନୀ ତରିକୁନ୍ଦ ଫାଣ୍ଡିରେ ଏତଲା ଦେଇଥିବା ବେଳେ ଆଜି ସକାଳେ ଅଭିଯୁକ୍ତ ଦୁଇ ଭାଇ ପୁଣି ଘରେ ପଶି ଇମ୍ରାନଙ୍କୁ ହାଣିଥିଲେ

## ମୋଦୀଙ୍କ ଜନ୍ମଦିନ ଅବସରରେ 'ମେଗା ରକ୍ତଦାନ ଶିବିର', ସଂଗ୍ରହ ହେଲା ୮୮୧୦ ୟୁନିଟ ରକ୍ତ, ସୃଷ୍ଟି ହେଲା ନୂତନ ବିଶ୍ୱ ରେକର୍ଡ



**Deepak Mahapatra, Bhubaneswar।** ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ରାଜ୍ୟରେ ଆରମ୍ଭ ହୋଇଛି ଏକ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ'। ଏହି ଅବସରରେ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଛନ୍ତି। ମାନବ ସେବାର ଏକ ବିରାଟ ଜନ ଆନ୍ଦୋଳନ: ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୫୦ ବର୍ଷର ଜନସେବା ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଶାସନ ଦେଶରେ ବଡ଼ଧରଣର ପରିବର୍ତ୍ତନ ଆଣିଛି। ଏହି ସେବା ସଂକଳ୍ପ ଅଭିଯାନ କେବଳ ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାନବ ସେବା ଓ ତ୍...

## ବିଶ୍ୱକର୍ମା ପୂଜା ପାଇଁ ଫୁଲ ତୋଳୁଥିଲେ, ଛାତରୁ ପଡ଼ିଗଲେ, ପେଟରେ ପଶିଗଲା ଲୁହା ରଡ୍

**Deepak Mahapatra।** ବିଶ୍ୱକର୍ମା ପୂଜା ପାଇଁ ଫୁଲ ତୋଳୁଥିବା ବେଳେ ଛାତରୁ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ୍ଏସିର ୱାର୍ଡ ନମ୍ବର ୨ରେ ଘଟିଛି ଏହି ଘଟଣା। ମୃତ ନାବାଳକଙ୍କ ନାଁ ଆଦିତ୍ୟ ଜେନା। ତାଙ୍କ ବାପାଙ୍କ ନାଁ ପପୁ ଜେନା। ଆଜି ଭୋରରେ ଆଦିତ୍ୟ ଫୁଲ ତୋଳିବା ପାଇଁ ଯାଇଥିଲେ। ସେ ଏକ ଘରର ଛାତ ଉପରେ ଚଢ଼ି ଫୁଲ ତୋଳୁ ଥିବା ସମୟରେ ତାଙ୍କ ଗୋଡ଼ ଖସି ଯାଇଥିଲା। ସେ ଛାତରୁ ପଡ଼ି ପାଖରେ ଥିବା ଏକ ସିମେଣ୍ଟ କାନ୍ଥରେ ପଡ଼ିଥିଲେ। ସେହି ସିମେଣ୍ଟ କାନ୍ଥରେ ଥିବା ଏକ ଲୁହା ରଡ଼ ତାଙ୍କ ପେଟରେ ପଶି ଯାଇଥିଲା। ପେଟରେ ଲୁହା ରଡ଼ ପଶିଯାଇଥିବା ସତ୍ତ୍ୱେ ଡରି ନଥିଲେ ଆଦିତ୍ୟ। ସେ ଲୁହା ରଡ଼ଟିକୁ ପେଟରୁ କାଢ଼ି ଚାଲି ଚାଲି କିଛି ବାଟ ଯିବା ପରେ ଅଚେତ ହୋଇ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା...

## ୨୫ ରାତିରେ ଲ୍ୟାଣ୍ଡଫଲ କରିପାରେ ବାତ୍ୟା! ପାଣିପାଗ ମଡେଲ୍ କହିଲେ, କେଉଁଠି ଛୁଇଁବ ସ୍ଥଳଭାଗ



**Deepak Mahapatra, Bhubaneswar।** ଆଗକୁ ରାଜ୍ୟରେ ବଡ ବର୍ଷାର ଆକଳନ । ୨୨ରୁ ପାଗରେ ପରିବର୍ତ୍ତନ ଦେଖାଦେଇପାରେ । ସେହିଭଳି ୨୪ ରୁ ୨୭ ତାରିଖ ଯାଏ ରାଜ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଉଛି । ଲଘୁଚାପ କ୍ରମେ ଅଧିକ ଘନିଭୂତ ହୋଇ ଅବପାତରେ ପରିଣତ ହେବା ପରେ ଭଲ ବର୍ଷା ହେବ ।ବଙ୍ଗୋପସାଗରରେ ଲଘୁଚାପ ଘନୀଭୂତ ନେଇ ଅଙ୍କ କଷା ହେଉଥିବାବେଳେ ଭିନ୍ନ ଭିନ୍ନ ମଡେଲ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । IMD କହୁଛି ଅବପାତ ହୋଇ ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବ । ବିଶେଷଜ୍ଞ କହିଲେ ୧୯ ରେ ଚିତ୍ର ସ୍ପଷ୍ଟ ହେବ ।ସେପ୍ଟେମ୍ବର ଶେଷରେ ବଙ୍ଗୋପ ସାଗରରେ ବାତ୍ୟା ଆସିପାରେ ବୋଲି ବିଭିନ୍ନ ଅନ୍ତର୍ଜାତୀୟ ମଡେଲ୍ ଆକଳନ କରୁଛନ୍ତି । ପାଣିପାଗ ମଡେଲ ECMWFର ପୂର୍ବାନୁମାନ କରିଛି ଯେ ୧୯ ତାରିଖରେ ବଙ୍ଗୋପ ସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ୨୫ ତାରିଖ ବେଳକୁ ବାତ୍ୟାର ରୂପ ନେଇ ସ୍ଥଳଭାଗ ଛୁଇଁପାରେ ।ସମ୍ଭବତଃ ଏହି ବାତ୍...




# ପୁଅ ଦେଲା ସାକ୍ଷୀ, ବାପାକୁ ମିଳିଲା ଆଜୀବନ କାରାଦଣ୍ଡ



**ଜଣେ ପତ୍ନୀହନ୍ତାଙ୍କୁ ରାୟଗଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଜୀବନ କରାଦଣ୍ଡାଦେଶ ଶୁଣାଇଛନ୍ତି। ତାଙ୍କ ନାଁ ଗୁରୁନାଥ ଗୌଡ଼। ଆଜୀବ...**

**Deepak Mahapatra।** ଜଣେ ପତ୍ନୀହନ୍ତାଙ୍କୁ ରାୟଗଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଜୀବନ କରାଦଣ୍ଡାଦେଶ ଶୁଣାଇଛନ୍ତି। ତାଙ୍କ ନାଁ ଗୁରୁନାଥ ଗୌଡ଼। ଆଜୀବନ କାରାଦଣ୍ଡାଦେଶ ସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।ଜରିମାନା ଅନାଦେୟ ହେଲେ ଦୋଷୀଙ୍କୁ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ।ପାରିବାରିକ କଳହକୁ କେନ୍ଦ୍ରକରି ୨୦୨୪ ଫେବୃଆରୀ ୨ ତାରିଖ ରାତିରେ କାଶୀପୁର ଥାନା ଭାଟିପାସ୍ ଗାଁରେ ଘଟିଥିଲା ହତ୍ୟାକାଣ୍ଡ। ଗୁରୁନାଥ ଗୌଡ଼ ଟାଙ୍ଗିଆରେ ତାଙ୍କ ପତ୍ନୀ ପୁଷ୍ପା ଗୌଡ଼ଙ୍କୁ ହତ୍ୟା କରିଥିଲେ। ପୁଅର ଅଭିଯୋଗ ପରେ କାଶୀପୁର ପୁଲିସ ଗୁରୁନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ସହିତ ପ୍ରମାଣ ଓ ବିଭିନ୍ନ ତଥ୍ୟ ଆଧାରରେ କୋର୍ଟ ଗୁରୁନାଥଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସାକ୍ଷୀମାନଙ୍କ ମଧ୍ୟରେ ଗୁରୁନାଥଙ୍କ ପୁ...

# ଜଳିଲା ୧୧ ହଜାର 'ଆଶୀର୍ବାଦର ଦୀପ', ମୋଦୀଜୀଙ୍କ ସ୍ୱପ୍ନ ପୂରଣ କରିବ ଓଡ଼ିଶା, ଭାରତ ନିଶ୍ଚୟ ବିଶ୍ୱଗୁରୁ ହେବ: ମୁଖ୍ୟମନ୍ତ୍ରୀ



**Deepak Mahapatra, Bhubaneswar।** ଭୁବନେଶ୍ୱର: ସଞ୍ଜ ନଇଁଆସୁଥିଲା। ଭୁବନେଶ୍ୱରର ଐତିହାସିକ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧୀରେ ଧୀରେ ଜମୁଥିଲା ଆଲୋକର ବାତାବରଣ। ସେ ଆଲୋକ କୌଣସି କୃତ୍ରିମ ବୈଦ୍ୟୁତିକ ଲାଇଟ ନଥିଲା, ବରଂ ତାହା ଥିଲା ଆମ ପରମ୍ପରା ଓ ସଂସ୍କୃତିର ପ୍ରତୀକ ସ୍ୱରୂପ ପବିତ୍ର ସଳିତାର ଶିଖା। ଧାଡ଼ିରେ ଜଳୁଥିଲା ହଜାର ହଜାର ଦୀପ। ସନ୍ଧ୍ୟା ଆରତୀର ଘଣ୍ଟ ଘଣ୍ଟା-ଶଙ୍ଖ ଧ୍ୱନି ଏବଂ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଗାୟନରେ ମୁକ୍ତେଶ୍ୱର'ର ପ୍ରାଚୀନ ପାଷାଣ ପ୍ରାଚୀର ଗୁଞ୍ଜରିତ ହୋଇଉଠିଥିଲା। ଭକ୍ତିର ଏହି ମାଦକତା ଭିତରେ, ହଜାର ହଜାର ମହିଳା ଏକାଠି ହୋଇ ଜାଳିଥିଲେ ୧୧,୦୦୦ ରୁ ଅଧିକ ଦୀପ। ଗୋଟିଏ ପରେ ଗୋଟିଏ ସଳିତା ଜଳିଉଠିବା କ୍ଷଣି ସମ୍ପୂର୍ଣ୍ଣ ମନ୍ଦିର ପରିସର ଏକ ସ୍ୱର୍ଣ୍ଣାଭ ପ୍ରଭାରେ ପ୍ରଜ୍ୱଳିତ ହୋଇଉଠିଥିଲା, ଯେମିତି ମନେହେଉଥିଲା ଆକାଶର ତାରାସବୁ ମାଟିକୁ ଓହ୍ଲାଇ ଆସିଛନ୍ତି। ପ୍ରଧାନମନ...

## ମନରେ ଥିଲା ମାଆ ହେବାର ଖୁସି, ଆଖିରେ ଥିଲା ନିଜ ଶିଶୁକୁ ଦେଖିବାର ସ୍ୱପ୍ନ



**Deepak Mahapatra।** ସକାଳେ ହସଖୁସିରେ ସ୍ୱାମୀଙ୍କ ସହ ଘରୁ ବାହାରିଥିଲେ ୭ ମାସର ଗର୍ଭବତୀ ପ୍ରତିମା (୨୧)। ମନରେ ଥିଲା ମାଆ ହେବାର ଖୁସି, ଆଖିରେ ଥିଲା ନିଜ ଶିଶୁକୁ ଦେଖିବାର ସ୍ୱପ୍ନ। ଅଲଟ୍ରାସାଉଣ୍ଡ ପାଇଁ ସ୍ୱାମୀ ବିପିନ ଛୁରିଆ (୨୬)ଙ୍କ ସହ ମୋଟରସାଇକେଲରେ ଭଟଲି ଆସୁଥିଲେ। ହେଲେ କିଏ ଜାଣିଥିଲା, ଏହି ଯାତ୍ରା ତାଙ୍କ ଜୀବନର ଶେଷ ଯାତ୍ରା ହୋଇଯିବ। ବାଟରେ ଯମ ଜଗିଥିବ କିଏ ଜାଣିଥିଲା? ଏମିତି ଏକ ଦୁଃଖଦ ଘଟଣା, ଯାହାର ବେଦନାକୁ ଶବ୍ଦରେ ବର୍ଣ୍ଣନା କରିବା କଷ୍ଟକର। ଆଜି ସକାଳ ପ୍ରାୟ ୧୦.୩୦ ସମୟରେ ଭଟଲି ଥାନା ଅଞ୍ଚଳର ସୁକୁଡ଼ା ପେଟ୍ରୋଲ ପମ୍ପ ନିକଟରେ ଘଟିଥିବା ସଡ଼କ ଦୁର୍ଘଟଣା ଗୋଟିଏ ପରିବାରର ସମସ୍ତ ଖୁସିକୁ ଛଡ଼ାଇ ନେଇଛି। ଅମ୍ବାଭୋନା ଥାନା ଅନ୍ତର୍ଗତ କାପାସିରା ଅନ୍ତରାଡ଼ି ଗ୍ରାମର ନିବାସୀ ବିପିନ ଛୁରିଆ (୨୬) ତାଙ୍କ ୭ ମାସର ଗର୍ଭବତୀ ସ୍ତ୍ରୀ ପ୍ରତିମା ଛୁରିଆ (୨୧)ଙ୍କୁ ମୋଟରସାଇକେଲରେ ନେଇ ଭଟଲିସ୍...

## ମଧ୍ୟପ୍ରଦେଶରୁ ବିମାନରେ ଆସିବ ୭ ଓଡ଼ିଆଙ୍କ ମରଶରୀର, ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର



**Deepak Mahapatra, Bhubaneswar।** ମଧ୍ୟପ୍ରଦେଶରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୭ ଓଡ଼ିଆଙ୍କ ମୃତଦେହ ବିମାନରେ ଆସିବ। ବିମାନ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର। ମୃତକଙ୍କ ପରିବାରକୁ ଏହି ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ପ୍ରତିନିଧି। ମୃତକମାନେ ହେଉଛନ୍ତି ଭୁବନେଶ୍ୱରର ଜୟଦେବ ବିହାର ଅଞ୍ଚଳରେ ଥିବା ବନ ଢାବାର ମାଲିକ ବନମାଳି ବେହେରାଙ୍କ ପରିବାର ଲୋକ। ମୃତକମାନେ ହେଉଛନ୍ତି ବନମାଳିଙ୍କ ପୁଅ ଶିବ ପ୍ରସାଦ ବେହେରା, ଝିଅ ରାଧାରାଣୀ ବେହେରା,ଝିଅ ରୀତାରାଣୀ ବେହେରା, ଜ୍ୱାଇଁ ଜ୍ଞାନେନ୍ଦ୍ର ବେହେରା ଓ ୩ ନାତିନାତୁଣୀ (ଶିବଙ୍କ ପୁଅ ଓ ରୀତାଙ୍କ ପୁଅ ଏବଂ ଝିଅ)। ସେମାନଙ୍କ ସହ ଗାଡ଼ିର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭରଙ୍କ ଘର ମଧ୍ୟ ପ୍ରଦେଶରେ। ମୃତକମାନେ ମଧ୍ୟପ୍ରଦେଶ ବୁଲିବାକୁ ଯାଇଥିଲେ। ସେମାନେ ନାଲଖେଡା ସ୍ଥିତ ମା' ବଗଳାମୁଖୀ ମନ୍ଦିରରୁ ଫେରୁଥିବା ବେଳେ ସେମାନଙ୍କ ଗାଡ଼ି ରାସ୍ତାରୁ ଖସି ପାଖରେ ପ୍ର...

## ସରକାରଙ୍କ 'ଖାରଜ ନିଷ୍ପତ୍ତି'କୁ ଚ୍ୟାଲେଞ୍ଜ କରିବ ଦାରା ସିଂହ, ଆବେଦନ ସଂଶୋଧନ ପାଇଁ ସୁପ୍ରିମକୋର୍ଟ ଦେଲେ ଅନୁମତି

**Deepak Mahapatra, Bhubaneswar।** ରାଜ୍ୟ ସରକାରଙ୍କ ଆବେଦନ ଖାରଜ ନିଷ୍ପତ୍ତିକୁ ସିଧାସଳଖ ଚ୍ୟାଲେଞ୍ଜ କରିବା ଓ ଆବେଦନରେ ଆବଶ୍ୟକ ସଂଶୋଧନ ଆଣିବାକୁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଏହାସହିତ ସରକାରଙ୍କ ଖାରଜ ନିର୍ଦ୍ଦେଶନାମାର ଏକ ନକଲ ଦାରା ସିଂଙ୍କ ଓକିଲଙ୍କୁ ତୁରନ୍ତ ଯୋଗାଇଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।ବହୁଚର୍ଚ୍ଚିତ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଓରଫ ରବୀନ୍ଦ୍ର କୁମାର ପାଲଙ୍କ ମୁକ୍ତି ଆବେଦନକୁ ଓଡ଼ିଶା ସରକାର ଖାରଜ କରିବା ପରେ ସୁପ୍ରିମକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଆବେଦନ ଖାରଜ ନିଷ୍ପତ୍ତିକୁ ସିଧାସଳଖ ଚ୍ୟାଲେଞ୍ଜ କରିବା ଓ ଆବେଦନରେ ଆବଶ୍ୟକ ସଂଶୋଧନ ଆଣିବାକୁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଏହାସହିତ ସରକାରଙ୍କ ଖାରଜ ନିର୍ଦ୍ଦେଶନାମାର ଏକ ନକଲ...

## ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବରୁ ଡିସଚାର୍ଜ, ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିରୋଧରେ ସାଂଘାତିକ ଅଭିଯୋଗ

**Deepak Mahapatra।** ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବରୁ ଜଣେ ୧୬ ବର୍ଷୀୟା ରୋଗୀଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇଥିବାର ଅଭିଯୋଗ ହୋଇଛି । ଘଟଣାଟି ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ । କାଶୀପୁର ବ୍ଲକ୍ ଗରକପୁର ପଞ୍ଚାୟତ କାନୁଗୁଡ଼ା ଗାଁର ଜଣେ ଯୁବତୀଙ୍କୁ ଜ୍ୱର, ରକ୍ତରେ ପ୍ଲେଟଲେଟ୍ ଓ ହିମୋଗ୍ଲୋବିନ୍ କମ୍ ଥିବାରୁ ଭର୍ତ୍ତି କରାଯାଇଥିଲା। କିନ୍ତୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବରୁ ମେଡିକାଲରୁ ଡିସଚାର୍ଜ ହୋଇଥିବାର ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ପରିବାରର ଅଭିଯୋଗ, ଚିକିତ୍ସା ସମ୍ପୂର୍ଣ୍ଣ ନକରି ଡିସଚାର୍ଜ କରି ଦିଆଯାଇଥିଲା। ଏହାକୁ ନେଇ ସ୍ୱେଚ୍ଛାସେବୀ ବଳରାମ ପଣ୍ଡା ହସ୍ତକ୍ଷେପ କରିବା ପରେ ମେଡିକାଲ କର୍ତ୍ତୃପକ୍ଷ ପୁଣି ରୋଗୀଙ୍କୁ ମେଡିସିନ୍ ୱାର୍ଡରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଛନ୍ତି । କାଶୀପୁର ବ୍ଲକ୍ କାନୁଗୁଡ଼ା ଗାଁର ଶଙ୍କର ମାଝୀଙ୍କ ୧୬ ବର୍ଷୀୟା ଝିଅ...